# କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଅନଲାଇନ କବିତା ଆସର

## ଓଡ଼ିଶାରୁ ପ୍ରତିନିଧିତ୍ୱ କଲେ ଶୁଭଶ୍ରୀ



ବାଲେଶ୍ୱର,୧୧ ।୮ (ସିଟି): କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ସଂଯୋଜକ ଦେବେନ୍ଦ୍ର କୁମାର ଦେବେଶଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏକ ବହୁଭାଷୀ କବିତା ଆସର ଅନ ଲାଇନରେ ଅନୁଷ୍ଠିତ ହୋଇଯାଇଛି । ଏହି କବିତା ଆସରରେ ବିଭିନ୍ନ ଭାଷାର ସାରସ୍ୱତ ସାଧକମାନେ ଅଂଶଗ୍ରହଣ କରିଥିଲେ । ଅସମିୟା ଭାଷାରେ ସର୍ବଶ୍ରୀ ପ୍ରୟାଗ, ବଙ୍ଗଳା ଭାଷାରେ ଅଗ୍ନି ରାୟ, ହିନ୍ଦୀ ଭାଷାରେ ଅନୀଲ ପୁଷ୍କର ଅଂଶଗ୍ରହଣ କରିଥିବାବେଳେ ଓଡ଼ିଆ ଭାଷାରେ ଡ. ଶୁଭଶ୍ରୀ ଲେଙ୍କା ଓଡ଼ିଶାର ପ୍ରତିନିଧିତ୍ୱ କରିଥିଲେ । ଏହି କବିତା ଆସରରେ ସେ ସ୍ୱରଚିତ 'ଆକାଶରେ ଜହ୍ନ ନାହିଁ' ଶୀର୍ଷକ କବିତା ପାଠ କରିଥିଲେ । ଏକାଡେମୀ ପକ୍ଷରୁ କବୟିତ୍ରୀ ଡ. ଲେଙ୍କାଙ୍କ କବିତାର ଉଚ୍ଚ ପ୍ରଶଂସା କରାଯାଇଥିଲା । ସୂଚନା ଥାଉକି, ନିକଟରେ ଡ. ଶୁଭଶ୍ରୀ ଲେଙ୍କାଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀର ସଭ୍ୟ ଭାବେ ମନୋନୀତ କରାଯାଇଛି । କରୋନା କଟକଣା ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ସାହିତ୍ୟ ଆସର ପାଇଁ ଅନ ଲାଇନ ପଦ୍ଧତି ଗ୍ରହଣ କରାଯାଇଥିବାବେଳେ ସାରସ୍ୱତ ସାଧକଙ୍କ ଗହଣରେ ଏହାର ଉଚ୍ଚ ପ୍ରଶଂଶା କରାଯାଇଛି । ଅପରପକ୍ଷେ ଏହି ଆସରରେ ସାହିତ୍ୟ କ୍ଷେତ୍ରରେ ଉପୁଜୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହିତ ଏହାର ସମାଧାନ କ୍ଷେତ୍ରରେ ମଧ୍ୟ ଆଲୋକପାତ କରାଯାଇଥିଲା ।